# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଲାଇସେନ୍‌ସ ଆଣ୍ଡ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା 06.08.2022 ରିଖ,

ସମୟ-ଅପରାହ୍ନ ଘ. 4.00 ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ପ୍ରେମାନନ୍ଦ ଜେନା, ଚେୟାରମ୍ୟାନ୍
୨. ଶ୍ରୀମତୀ ପୁଷ୍ପା ରାଉତ,
୩. ଶ୍ରୀମତୀ ପୂଜା ମହାରଣା,
୪. ଶ୍ରୀମତୀ ମଧୁସ୍ମିତା ପ୍ରଧାନ,
୫. ଶ୍ରୀମତୀ ସୁଜାତା ଛୋଟରାୟ,
୬. ଶ୍ରୀମତୀ ମାନସୀରାଣୀ ସୁନ୍ଦରାୟ

ଅଦ୍ୟ ତା 06.08.2022 ରିଖ ଅପରାହ୍ନ ଘ. 4.00 ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର"ରେ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍‌ସ ଆଣ୍ଡ ଆପିଲସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ପ୍ରେମାନନ୍ଦ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳ ଫୁଲନଖରା ଠାରୁ ନିଆଳି ରାସ୍ତାରେ ବି ଏମ୍ ସି ଏରିଆର ଶେଷ ପର୍ଯ୍ୟନ୍ତ ବେଆଇନ୍ ଭାବେ ଲଗାଯାଇଥିବା ବିଜ୍ଞାପନ ଫଳକ ସମ୍ପର୍କରେ ସର୍ଭେ କରାଯାଇଅଛି । ତାହା ଉପରେ କ'ଣ ପଦକ୍ଷେପ ନିଆଯାଇଅଛି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ସର୍ବ ସମ୍ମତିକ୍ରମେ ଉପ ଆୟୁକ୍ତ ରାଜସ୍ୱଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳ କେୟାର୍ ହସ୍ପିଟାଲ୍ ଠାରୁ ଲୁମ୍ବିନୀ ବିହାର ମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ ବିଜ୍ଞାପନ ଫଳକ ଲଗାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମ ରାଜସ୍ୱ ବିଭାଗରେ ମାତ୍ର ଦୁଇ ଜଣ କର୍ମଚାରୀ ଅଛନ୍ତି । ତେଣୁ ଆଉ ଅଧିକ କର୍ମଚାରୀ ରାଜସ୍ୱ ବିଭାଗକୁ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଲଗାଯାଇଥିବା ବିଜ୍ଞାପନ ଫଳକର ତାଲିକା ଆଂଚଳିକ ଉପଆୟୁକ୍ତ ମାନେ, ଉପ ଆୟୁକ୍ତ ରାଜସ୍ୱଙ୍କୁ ଦେବେ । ବେଆଇନ୍ ବିଜ୍ଞାପନ ଲଗାଇଥିବା ସଂସ୍ଥା ବିରୁଦ୍ଧରେ ଆଇନ୍ ଅନୁସାରେ ଯଥାଶୀଘ୍ର ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ କରାଯାଇ ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ଉପ ଆୟୁକ୍ତ, ରାଜସ୍ୱଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମର ଇଲେକ୍ଟ୍ରିପୋଲ୍ ଦ୍ୱାରା ବିଭିନ୍ନ କେବୁଲ୍ ଯାଇଅଛି ଯାହାକି ସହରର ସୌନ୍ଦର୍ଯ୍ୟ ଖରାପ କରୁଅଛି । ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ କାହାକୁ ଅନୁମତି ଦେଇଛନ୍ତି, ଏହି ବାବଦକୁ ସେମାନେ ନିଗମକୁ କେତେ ଅର୍ଥ ପଇଠ କରିଛନ୍ତି ଏବଂ ବିନା ଅନୁମତିରେ କେଉଁମାନେ କେବୁଲ୍ ନେଇଛନ୍ତି ଏ ସମ୍ବନ୍ଧରେ ସରକାରୀ ନିୟମ/ ଆଦେଶ କ'ଣ ରହିଅଛି ତାହାର ସମ୍ପୂର୍ଣ୍ଣ ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ଉପ ଆୟୁକ୍ତ ରାଜସ୍ୱଙ୍କ ଉପରେ ସର୍ବ ସମ୍ମତିକ୍ରମେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ନିର୍ଦ୍ଧାରଣ-୧(୬). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଯେଉଁମାନେ ସିଜିନ୍ ବ୍ୟବସାୟ କରୁଛନ୍ତି, ସେମାନଙ୍କୁ ଅନୁମତି ଦେବାପାଇଁ ଆଂଚଳିକ ଉପ ଆୟୁକ୍ତଙ୍କୁ କ୍ଷମତା ଅର୍ପଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।